# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 02 November – 2025

**************************************

## ମୁଖ୍ୟ ସମ୍ବାଦ

- ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ଭାରି ଯୋଗାଯୋଗ ଉପଗ୍ରହ ସିଏମ୍‌ଏସ୍-୦୩' ର ସଫଳ ଉତ୍କ୍ଷେପଣ
- ପିଡିଏସ୍ ହିତାଧିକାରୀଙ୍କ ପାଇଁ ଇ-କେଓ୍ବାଇସି ଅବଧିକୁ ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କଲେ ରାଜ୍ୟ ସରକାର
- ପୁରୀ ଶ୍ରୀମନ୍ଦିରରେ ପଞ୍ଚକ ବ୍ରତ ଆରମ୍ଭରେ ଆଜି ଶ୍ରଦ୍ଧାଳୁଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ଏବଂ

- ଆଇସିସି ମହିଳା ବିଶ୍ୱକପ୍ ପ୍ରତିଯୋଗିତାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଜାରି ରହିଛି ମୁକାବିଲା

# ଇସ୍ରୋ-ସିଏମ୍ଏସ୍-୦୩

ଭାରତୀୟ ମହାକାଶ ଗବେଷଣା ସଂଗଠନ-ଇସ୍ରୋ  ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶଧବନ ମହାକାଶ କେନ୍ଦ୍ରରୁ ଆଜି ଭାରତର ଭାରି ଯୋଗାଯୋଗ ଉପଗ୍ରହ ସିଏମ୍ଏସ୍-୦୩ ବା ଜିସାଟ୍-୭ଆର୍'ର ସଫଳ ଉତ୍କ୍ଷେପଣ ହୋଇଛି। ନୌସେନାର ଯୋଗାଯୋଗ କ୍ଷମତା ଓ ସାମୁଦ୍ରିକ ନିରାପତ୍ତା ବୃଦ୍ଧି କରିବା ଏବଂ ଦୂରଦୂରାନ୍ତ ଅଞ୍ଚଳରେ ଡିଜିଟାଲ୍ ସଂଯୋଗୀକରଣର ସଂପ୍ରସାରଣ ଏହି ଅଭିଯାନର ଲକ୍ଷ୍ୟ ରହିଛି । ସିଏମ୍ଏସ୍-୦୩କୁ ଭାରତର ସବୁଠାରୁ ଶକ୍ତିଶାଳୀ ରକେଟ୍ ଏଲ୍.ଭି.ଏମ୍.-୩ ଲଞ୍ଚରରୁ ମହାକାଶକୁ ଉତ୍କ୍ଷେପଣ କରାଯାଇଥିଲା। ଏହି ଉପଗ୍ରହ ଏକ ବହୁମୁଖୀ ସାମରିକ ଯୋଗାଯୋଗ ପ୍ରଣାଳୀ, ଯାହା ଭଏସ୍, ଡାଟା ଏବଂ ଭିଡିଓ ଲିଙ୍କ୍ ପାଇଁ ଟ୍ରାନ୍ସପଣ୍ଡର ବହନ କରେ ।

# ପିଡିଏସ୍

ରାଜ୍ୟ ସରକାର ସାଧାରଣ ବଣ୍ଟନ ବ୍ୟବସ୍ଥା-ପିଡିଏସ୍ ହିତାଧିକାରୀମାନଙ୍କ ପାଇଁ ଆଧାରଭିତ୍ତିକ ଇ-କେୱାଇସି ପ୍ରକ୍ରିୟାର  ଅବଧିକୁ ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ଥିବା ସମସ୍ତ ୧୧ ହଜାର ୮୨୭ଟି ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ଟି ବ୍ଲକ୍ ଓ ୬୪ଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟକ୍ଷମ ଥିବା ରାସନକାର୍ଡ ପରିଚାଳନା କେନ୍ଦ୍ରଗୁଡ଼ିକରେ ଆଧାରଭିତ୍ତିକ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ଅଦ୍ୟାବଧି ଇ-କେୱାଇସି କରାଇ ପାରି ନଥିବା ହିତାଧିକାରୀମାନଙ୍କୁ ପୂର୍ବ ଭଳି ପିଡିଏସ୍ ସାମଗ୍ରୀ ପ୍ରଦାନ କରାଯାଉଛି। ହିତାଧିକାରୀମାନଙ୍କୁ

ରାସନକାର୍ଡ ପରିଚାଳନା କେନ୍ଦ୍ରକୁ ଯାଇ ଆଧାରଭିତ୍ତିକ ଇ-କେଓ୍ୱାଇସି କରାଇ ନେବା ପାଇଁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ଧାଡି ଦର୍ଶନ-ଗଣତିମଣତି

ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କାର୍ତ୍ତିକମାସ ଶେଷ ହେବା ପରେ **ପୁରୀ** ଶ୍ରୀମନ୍ଦିରରେ ଧାଡି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଆସନ୍ତା ବୁଧବାର କାର୍ତ୍ତିକ ପୂର୍ଣ୍ଣମୀ ଶେଷ ହେବା ପରେ ରତ୍ନ ଭଣ୍ଡାର ଗଣତି-ମଣତି କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହେବ । ଏ ନେଇ ମାର୍ଗଦର୍ଶିକା ଆସିବା ପରେ ଉଭୟ ଧାଡ଼ି ଦର୍ଶନ ବ୍ୟବସ୍ଥା ଓ ଗଣତି-ମଣତି ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି....

**- V/O -(**ପୃଥ୍ୱୀରାଜ ହରିଚନ୍ଦନ**)**

# ଉପନିର୍ବାଚନ

**ନୂଆପଡ଼ା** ବିଧାନସଭା ଉପନିର୍ବାଚନକୁ ଆଉ ୯ ଦିନ ବାକି ଅଛି । ୩ ପ୍ରମୁଖ ରାଜନୈତିକ ଦଳ ସମେତ ଅନ୍ୟ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀମାନଙ୍କ ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । **ଭାରତୀୟ ଜନତା ପାର୍ଟି**ର ପ୍ରାର୍ଥୀ ଜୟ ଢ଼ୋଲକିଆଙ୍କ ପାଇଁ ଆଜି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରଚାର କରିଛନ୍ତ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୬ ରୁ ୮ ତାରିଖ ମଧ୍ୟରେ ନୂଆପଡ଼ା ଗସ୍ତରେ ଯାଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ

ପ୍ରଚାର କରିବେ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। **ବିଜୁ ଜନତା ଦଳ**ର ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସମେତ  ଦଳର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ୍, ଟୁକୁନୀ ସାହୁ ଓ ଅନ୍ୟମାନେ ପ୍ରଚାରରେ ସାମିଲ ହୋଇଛନ୍ତି। **କଂଗ୍ରେସ** ପକ୍ଷରୁ ଏକ ବାଇକ୍ ରାଲି କରାଯାଇଥିଲା। ଦଳୀୟ ପ୍ରାର୍ଥୀ ଘାସିରାମ ମାଝୀଙ୍କ ସମେତ ଦଳର ବରିଷ୍ଠ ନେତାମାନେ ରାଲିରେ ଯୋଗଦେଇଥିଲେ।

## ଶପଥପାଠ

**ବୌଦ୍ଧ** ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଦୁର୍ନୀତି ନିବାରଣ ସଚେତନତା ସଭା ଓ ସାଧୁତାର ଶପଥପାଠ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶପଥପାଠ କରାଇଥିଲେ। ସଭା ଶେଷରେ ଦୁର୍ନୀତି ନିବାରଣ ସମ୍ପର୍କିତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ପଞ୍ଚକ

**ପୁରୀ** ଶ୍ରୀମନ୍ଦିରରେ ଆଜିଠାରୁ ପଞ୍ଚକ ବ୍ରତ ପାଳନ ଆରମ୍ଭ ହୋଇଛି। ଚଳିତ ବର୍ଷ ଶ୍ରୀମନ୍ଦିରରେ ପଞ୍ଚକ ବ୍ରତ ୫ ଦିନ ପରିବର୍ତ୍ତେ ୪ ଦିନ ପାଳିତ ହେଉଛି । ଠାକୁରଙ୍କର ଆଜି ଲକ୍ଷ୍ମୀନାରାୟଣ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ହରି ଉତ୍ଥାପନ ଏକାଦଶୀ ଅବସରରେ ଆଜି ଠାକୁରଙ୍କର ବିଶେଷ ନୀତିକାନ୍ତି ଅନୁଷ୍ଠିତ ହୋଇଛି। ୪ ମାସର ଶୟନନୀତି ପରେ ଠାକୁରଙ୍କର ଆଜି ହରି ଉତ୍ଥାପନ ନୀତି ପାରମ୍ପରିକ ବିଧି ଅନୁଯାୟୀ

ପାଳନ କରାଯାଇଛି। ଆସନ୍ତାକାଲି ମହାପ୍ରଭୁଙ୍କ ତ୍ରି-ବ୍ରିକମ ବା ଆଡକିଆ ବେଶ ଅନୁଷ୍ଠିତ ହେବ। ଆସନ୍ତା ମଙ୍ଗଳବାର ଲକ୍ଷ୍ମୀନୃସିଂହ ବେଶ ଏବଂ ବୁଧବାର ଦିନ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଠାକୁରଙ୍କ ରାଜରାଜେଶ୍ୱର ବେଶ ବା ସୁନାବେଶ ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ପୁରୀରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ପଞ୍ଚୁକ-ଭଦ୍ରକ

ପଞ୍ଚକ ବ୍ରତ ଉପଲକ୍ଷେ **ଭଦ୍ରକ** ଜିଲ୍ଲା ଆରଡୀର ବାବା ଆଖଣ୍ଡଳମଣିଙ୍କ ପୀଠରେ ହରିହର ଭେଟ ଅନୁଷ୍ଠିତ ହୋଇଛି। ବାବା ମଣି ଯୋଗୀ ପଞ୍ଚାନନ ଦିଗମ୍ବର ଏବଂ ବଡ଼ସିଂହାର ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଉଛନ୍ତି।

## ହରି ଉତ୍ଥାପନ ଏକାଦଶୀ

**ନୟାଗଡ଼** ଜିଲ୍ଲା ଓଡ଼ଗାଁର ପ୍ରସିଦ୍ଧ ରଘୁନାଥଜୀଉଙ୍କ ପୀଠରେ ହରି ଉତ୍ଥାପନ ଏକାଦଶୀ ତଥା ପଞ୍ଚୁକ ବ୍ରତ ଆରମ୍ଭରେ ବହୁ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି। ବଡ଼ ଏକାଦଶୀରେ ଶ୍ରଦ୍ଧାଳୁମାନଙ୍କୁ ଶ୍ରୀଜୀଉ ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଇଛନ୍ତି।**ଧନଞ୍ଜୟ ଗୋପ**

ଦିନେ ହାତରେ ବନ୍ଧୁକ ଧରି ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରୁଥିଲେ, ଆଜି ସେହି ହାତରେ ବନ୍ଧୁକ ଧରି ଅନ୍ୟମାନଙ୍କୁ ସୁରକ୍ଷା ଯୋଗାଉଛନ୍ତି। ଆମେ କହୁଛୁ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ଅନ୍ତର୍ଗତ ଏମ୍‌ପିଭି-୩୧ ଗ୍ରାମର ବାସିନ୍ଦା **ଧନଞ୍ଜୟ ଗୋପ**ଙ୍କ କଥା। ଯିଏ ନିଜକୁ

ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିଛନ୍ତି।

ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ....

ସରକାରଙ୍କ ପ୍ରଚେଷ୍ଟା ଦ୍ୱାରା ମାଓ ସଂଗଠନ ସହ ଜଡିତ ଥିବା ଅନେକ ମାଓବାଦୀ ବର୍ତ୍ତମାନ ନିଜକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସାଧାରଣ ଜୀବନଯାପନ କରିପାରୁଛନ୍ତି। ସେମିତି ଜଣେ ବ୍ୟକ୍ତି ହେଲେ କାଲିମେଲା ବ୍ଲକ୍ ଅନ୍ତର୍ଗତ ଏମ୍‌ପିଭି-୩୧ ଗ୍ରାମର ଧନଞ୍ଜୟ ଗୋପ। ୨୦୦୫ ମସିହାରେ ସେ ମାଓ ସଂଗଠନର କାଲିମେଲା ଦଳମରେ ସଦସ୍ୟ ଭାବେ ଯୋଗ ଦେଇଥିଲେ। ପରେ ଦଳରେ ତାଲିମ୍ ନେଇ ଆହତ ଓ ଅସୁସ୍ଥ ମାଓବାଦୀଙ୍କୁ ସେବା ଯୋଗାଉଥିଲେ। ମୋଟୁ ସମେତ ପଦୋନ୍ନତି ପାଇଁ ସ୍ୱାଭିମାନ ଅଂଚଳରେ କମିଟି ସଦସ୍ୟ ଭାବେ ସକ୍ରିୟ କାର୍ଯ୍ୟ କରୁଥିଲେ। ବିଭିନ୍ନ ମାଓ ହିଂସାକାଣ୍ଡରେ ସେ ଜଡିତ ରହିବା ସହ ଦୀର୍ଘ ୧୪ ବର୍ଷ ଧରି ମାଓ ସଂଗଠନରେ କାର୍ଯ୍ୟ କରି ଆସୁଥିଲେ। ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଆକୃଷ୍ଟ ହେବା ସହ ସୁରକ୍ଷାକର୍ମୀଙ୍କ କୁମ୍ବିଂ ଅପରେସନ୍‌ରେ ଅତିଷ୍ଠ ହୋଇ ସେ ଆତ୍ମସମର୍ପଣ କରିଥିଲେ। ରାଜ୍ୟ ସରକାରଙ୍କ ଆତ୍ମସମର୍ପଣ ଓ ଥଇଥାନ ଯୋଜନାରେ ତାଙ୍କୁ ବାସଗୃହ ପ୍ରଦାନ ସହ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟ ପରିସରରେ ରକ୍ତଭଣ୍ଡାରର ସୁରକ୍ଷା କର୍ମୀ ଭାବେ ଚାକିରିରେ ନିୟୋଜିତ କରାଯାଇଥିଲା।

ଧନଞ୍ଜୟ ଗୋପ ବର୍ତ୍ତମାନ ନିଜ ପରିବାର ସହ ସୁଖରେ ଜୀବନଯାପନ କରୁଛନ୍ତି ।

ନିଜ ଜୀବନର ନୂତନ ପର୍ଯ୍ୟାୟ ଆରମ୍ଭ ସମ୍ପର୍କରେ ଆକାଶବାଣୀକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି....

**- V/O -(ଧନଞ୍ଜୟ ଗୋପ)**

ଅତୀତ ଯେତେ ଭୟଙ୍କର ଏବଂ କଷ୍ଟଦାୟକ ହେଲେ ମଧ୍ୟ ଜଣେ ବ୍ୟକ୍ତି ଚାହିଁଲେ ନିଜ ବର୍ତ୍ତମାନକୁ ସୁଧାରି ସାଧାରଣ ଜୀବନଯାପନ କରିପାରିବେ ଏବଂ ଅନ୍ୟମାନଙ୍କ ପାଇଁ ସମାଜରେ ଉଦାହରଣ ସୃଷ୍ଟି କରିପାରିବେ । ଏହାର ସର୍ବୋତ୍କୃଷ୍ଟ ଉଦାହରଣ ହେଉଛନ୍ତି ଧନଞ୍ଜୟ ଗୋପ । ଧନଞ୍ଜୟଙ୍କ ଏହି କାହାଣୀ ଅନ୍ୟମାନଙ୍କୁ ଜୀବନର ନୂଆ ରାହା ଦେଖାଇବ ନିଶ୍ଚୟ ।

ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମାଲକାନଗିରିରୁ ଦୁର୍ଗାପ୍ରସାଦ ପଟ୍ଟନାୟକଙ୍କ ସହ ମୁଁ ସ୍ମୃତିରେଖା ତାରେଣିଆ

## ଶପଥପାଠ

**ବୌଦ୍ଧ** ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଦୁର୍ନୀତି ନିବାରଣ ସଚେତନତା ସଭା ଓ ସାଧୁତାର ଶପଥପାଠ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶପଥପାଠ କରାଇଥିଲେ । ସଭା ଶେଷରେ ଦୁର୍ନୀତି ନିବାରଣ ସମ୍ପର୍କିତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ବୋଇତ ବନ୍ଦାଣ

**ନୟାଗଡ଼** ଜିଲ୍ଲା ପୁରୁଣା ସହର ମଣ୍ଡାବାଗନ ପଡିଆରେ ୨୨ତମ ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ସଭାରେ ନୟାଗଡ଼ ଆରକ୍ଷୀ ଅଧିକ୍ଷକ ଏସ୍.ସୁଶ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ ପାଇଁ ଆମେ ଗୌରାବନ୍ୱିତ ବୋଲି କହିଥିଲେ । ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

## ପିଡିଏସ୍

ରାଜ୍ୟ ସରକାର ସାଧାରଣ ବଣ୍ଟନ ବ୍ୟବସ୍ଥା-ପିଡିଏସ୍ ହିତାଧିକାରୀମାନଙ୍କ ପାଇଁ ଆଧାରଭିତ୍ତିକ ଇ-କେଓ୍ୱାଇସି ପ୍ରକ୍ରିୟାର ଅବଧିକୁ ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ରାଜ୍ୟରେ ଥିବା ସମସ୍ତ ୧୧ ହଜାର ୮୨୭ଟି ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ଟି ବ୍ଲକ୍ ଓ ୬୪ଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟକ୍ଷମ ଥିବା ରାସନକାର୍ଡ ପରିଚାଳନା କେନ୍ଦ୍ରଗୁଡ଼ିକରେ ଆଧାରଭିତ୍ତିକ ଇ-କେଓ୍ୱାଇସି ପ୍ରକ୍ରିୟା ଜାରି ରହିଛି । ଅଦ୍ୟାବଧି ଇ-କେଓ୍ୱାଇସି କରାଇ ପାରି ନଥିବା ହିତାଧିକାରୀମାନଙ୍କୁ ପୂର୍ବ ଭଳି ପିଡିଏସ୍ ସାମଗ୍ରୀ ପ୍ରଦାନ କରାଯାଉଛି । ହିତାଧିକାରୀମାନଙ୍କୁ ରାସନକାର୍ଡ ପରିଚାଳନା କେନ୍ଦ୍ରକୁ ଯାଇ ଆଧାରଭିତ୍ତିକ ଇ-କେଓ୍ୱାଇସି କରାଇ ନେବା ପାଇଁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ସାଇବର ସୁରକ୍ଷା

**ବୌଦ୍ଧ** ଜିଲ୍ଲା ଟାଉନ୍‌ହଲ୍‌ଠାରେ ଜିଲ୍ଲାସ୍ତରୀୟ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଇବର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

# ମହିଳା କ୍ରିକେଟ୍ ବିଶ୍ୱକପ

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ଜାରି ରହିଛି। ନଭି ମୁମ୍ବାଇର ଡିଓ୍ୱାଇପାଟିଲ କ୍ରିକେଟ୍ ପଡ଼ିଆଠାରେ ଏହି ମ୍ୟାଚ୍ ଖେଳାଯାଉଛି। ଫାଇନାଲ୍‌ରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ବୋଲିଂ କରିବାର ନିଷ୍ପତ୍ତି ନେଇଛି।

ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୨୮ ଓଭରରେ ୨ ଓ୍ୱିକେଟ୍ ହରାଇ ୧୬୭ ରନ୍ ସଂଗ୍ରହ କରିଛି।

## ରଣଜୀ ଟ୍ରଫି

କଟକର ବାରବାଟୀ ଷ୍ଟାଡିୟମ୍‌ଠାରେ ଓଡ଼ିଶା ଆନ୍ଧ୍ରପ୍ରଦେଶ ଏଲିଟ୍ ଗ୍ରୁପ୍-ଏ ରଣଜୀ ମ୍ୟାଚ୍‌ର ଦ୍ୱିତୀୟ ଦିବସ ଶେଷରେ ଓଡ଼ିଶା ତାର ପ୍ରଥମ ଇନିଂସ୍‌ରେ ୪ ଓ୍ୱିକେଟ୍ ହରାଇ ୮୦ ରନ୍ ସଂଗ୍ରହ କରିଛି। ସନ୍ଦିପ ପଟ୍ଟନାୟକ ୨୪ ରନ୍, ଏବଂ ଗୋବିନ୍ଦ ପୋଦାର ୧ ରନ୍ ସଂଗ୍ରହ କରି ଅପରାଜିତ ଅଛନ୍ତି। ପୂର୍ବରୁ ଆନ୍ଧ୍ରପ୍ରଦେଶ ୭ ଓ୍ୱିକେଟ୍ ବିନିମୟରେ ୪୭୫ ରନ୍ ସଂଗ୍ରହ କରି ଇନିଂସ୍ ଘୋଷଣା କରିଥିଲା।

## ପାଣିପାଗ

ପୂର୍ବ କେନ୍ଦ୍ରୀୟ ବଙ୍ଗୋପ ସାଗର ଏବଂ ମିଆଁମାର ପାର୍ଶ୍ୱବର୍ତ୍ତୀ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଉତ୍ତର ଏବଂ ଉତ୍ତର ପଶ୍ଚିମ ଦିଗକୁ ଗତି କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ।  ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଗତ ୨୪ ଘଣ୍ଟାରେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ରେ ୮୦ ଦଶମିକ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।